# ଆଜି ଭଣ୍ଡାରିପୋଖରୀ ଥାନାପୋଡ଼ି ସ୍ମାରକୀ କ୍ରାନ୍ତି ଉତ୍ସବ

ଭଣ୍ଡାରିପୋଖରୀ,୧୬।୮
(ରାଜେନ୍ଦ୍ର ଶତପଥୀ)

୧୯୪୨ ଅଗଷ୍ଟ ୧୭ ତାରିଖରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଦ୍ୱାରା 'ଭଣ୍ଡାରିପୋଖରୀ ଥାନାପୋଡ଼ି' ହୋଇଥିଲା। ଶୁକ୍ରବାର ଥାନା ପୋଡ଼ି ସ୍ମାରକୀ କ୍ରାନ୍ତି ଉତ୍ସବ ପାଳନ କରାଯିବ। ଏଥିପାଇଁ ଘଟଣାର ସ୍ମାରକୀ ଭାବେ କହରାପୋଖରୀ କ୍ରାନ୍ତି ମଇଦାନ ଓ ଥାନା ପରିସର ଶହୀଦ ସ୍ମୃତିସ୍ତମ୍ଭକୁ ସଜାଇ ଉତ୍ସବର ପରିବେଶ ସୃଷ୍ଟି କରାଯାଇଛି। ଭାରତଛାଡ଼ ଆନ୍ଦୋଳନରେ ଭଣ୍ଡାରିପୋଖରୀ ଥାନପୋଡ଼ି ଘଟଣାର ପ୍ରତ୍ୟେକ୍ଷଦର୍ଶୀ ବିବରଣୀ 'କ୍ରାଇମ୍ ଡାଇରୀ' ଭାଗ-୩ ର ପୃଷ୍ଠା ୨୧୮ରୁ ୨୨୫ ମଧ୍ୟରେ ତତ୍କାଳୀନ ଜମାଦାରଙ୍କ ଦ୍ୱାରା ଲିପିବଦ୍ଧ ହୋଇ ରହିଛି। କହରାପୋଖରୀଠାରେ ନିର୍ମିତ ହୋଇଥିବା 'ସ୍ମୃତିସ୍ତମ୍ଭ' ସେଦିନର ଘଟଣାକୁ ଏବେ ବି ମନେ ପକାଇଦିଏ। ଥାନାର ଦାରୋଗାଙ୍କୁ ଚକ୍ମା ଦେଇ ସଂଗ୍ରାମୀମାନେ ଥାନା ପଛବାଟେ ଆସି ଥାନାକୁ ପୋଡ଼ି ଦେବା, ବହୁ ସଂଗ୍ରାମୀ ଗିରଫ ହୋଇ ଜେଲଯିବା, ବିଚାର ପରେ ଦଣ୍ଡ ଭୋଗିବା ଓ ଇଂରେଜ ଶାସକମାନଙ୍କ ଦ୍ୱାରା ଜରିମାନା ଦେବା ଆଦି ଘଟଣା ତ୍ୟାଗ ଓ ବଳିଦାନର ସବିଶେଷ ତଥ୍ୟ ସମ୍ପୃକ୍ତ କ୍ରାଇମ୍ ଡାଏରୀରେ ଲିପିବଦ୍ଧ ହୋଇଛି।

# 'ଭଦ୍ରକ ସଂଗ୍ରାମ, ବଳିଦାନର ମାଟି'

## ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ

ଭଦ୍ରକ,୧୬।୮(ସନାତନ ରାଉତ)

ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଭଦ୍ରକ କଲେଜ ଖେଳପଡ଼ିଆରେ ଜିଲାସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ୩୭ଟି ଦଳ ପକ୍ଷରୁ ପ୍ରଦର୍ଶିତ ପରେଡକୁ ସୁସଜ୍ଜିତ ଖୋଲା ଗାଡ଼ିରେ ପରିଦର୍ଶନ କରିଥିଲେ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ସଂଘର୍ଷମୟ କାହାଣୀର ଅବତାରଣା କରି ସଂଗ୍ରାମ ଓ ବଳିଦାନର ମାଟି ଭଦ୍ରକରେ ଘଟିଯାଇଥିବା ଦ୍ୱିତୀୟ ଜାଲିଆନାବାଗ୍ ଭାବେ ଅଭିହିତ ଶହୀଦତୀର୍ଥ ଇରମ୍ ଓ ଲୁଣିଆ ଗୁଳିକାଣ୍ଡରେ ଅମର ଶହୀଦ୍‌ମାନଙ୍କ ତ୍ୟାଗ ତିତିକ୍ଷା ଉପରେ ଜିଲାପାଳ ଆଲୋକପାତ କରିଥିଲେ। କଳା, ସାହିତ୍ୟ, ସଂସ୍କୃତି ସମୃଦ୍ଧ ଏହି ମାଟି ପାଇଁ କାର୍ଯ୍ୟକରି ଜିଲା ତଥା ରାଜ୍ୟକୁ ସର୍ବୋତ୍ତମ ଭାବେ ଗଢ଼ି ତୋଳିବା ଲାଗି ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି ମଞ୍ଚରେ ଉପସ୍ଥିତ ଥିଲେ। ପୋଲିସ୍ ଆର୍‌ଆଇ ରାକେଶ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସର୍ଜେଣ୍ଟ ଅଭିରାମ ଖଟୁଆଙ୍କ ସହଯୋଗରେ ସଶସ୍ତ୍ର ପୋଲିସ୍ ବାହିନୀ ସହ ଏନ୍‌ସିସି ଆର୍ମି, ନେଭି, ସ୍କାଉଟ୍, ଗାଇଡ୍, ରେଡକ୍ରସ୍, ସିଭିଲିୟାନ୍ ଆଦିରେ ସିନିୟର ଓ ଜୁନିୟର ବିଭାଗରେ ଭାଗ ନେଇଥିବା ସମସ୍ତ ପରେଡ଼ ଟ୍ରୁପ୍‌ଙ୍କ ମାର୍ଚ୍ଚ ପାଷ୍ଟରେ ମୁଖ୍ୟଅତିଥି ଅଭିବାଦନ ଗ୍ରହଣ କରିଥିଲେ। ଉପଜିଲାପାଳ ମନୋଜ ପାତ୍ର, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଅବସରପ୍ରାପ୍ତ ଅତିରିକ୍ତ ଏସ୍‌ପି ଭିଜିଲାନ୍ସ ଗଣେଶ୍ୱର ସେଠୀ ପ୍ୟାରେଡ୍ ପ୍ରତିଯୋଗିତା ପାଇଁ ମୂଲ୍ୟାଙ୍କନ କରିଥିଲେ। ପଦକ ବିଜେତା, ଆନ୍ତର୍ଜାତିକ ପାରା କ୍ରୀଡ଼ାବିତ୍ ରାଖାଲ କୁମାର ସେଠୀ, ଫେନ୍ସି ହୁଇଲ୍ ଚେୟାର ପ୍ରତିଯୋଗିତାରେ ଜାତୀୟସ୍ତରର ପଦକ ବିଜେତା କ୍ରୀଡ଼ାବିତ୍ ମଧୁସ୍ମିତା ସାହୁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଉତ୍ସର୍ଗୀକୃତ ସେବା ପାଇଁ ପୋଲିସ କମ୍ପାନୀ କମାଣ୍ଡର ବରୁଣ ମିତ୍ରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେଡ଼ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ କୃତୀ ଦଳମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ ପ୍ରମୁଖ ଯୋଗ ଦେଇଥିଲେ। ସରକାରୀ ମାର୍ଗଦର୍ଶିକା ଅନୁଯାୟୀ ୩୦ରୁ ଊର୍ଦ୍ଧ୍ୱ ମହାପୁରୁଷମାନଙ୍କ ଫଟୋ ସାଜସଜ୍ଜା ସାଙ୍ଗକୁ ତ୍ରିରଙ୍ଗା ସେଲ୍‌ଫି ଓ ତ୍ରିରଙ୍ଗା କାନ୍‌ଭାସ୍ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ପରେ ମୁଖ୍ୟଅତିଥି ଜିଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ ରକ୍ତଦାନ ଶିବିର ପରିଦର୍ଶନ ଓ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ସନ୍ଧ୍ୟାରେ ଟାଉନ୍‌ହଲ୍‌ଠାରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ତ୍ରିରଙ୍ଗା କନ୍‌ସର୍ଟ କାର୍ଯ୍ୟକ୍ରମରେ ସଦର ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ୍, ଅତିରିକ୍ତ ଜିଲାପାଳ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ବରେଣ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମର ଲୋମହର୍ଷକ ଅଧ୍ୟାୟ ଉପରେ ଆଲୋକପାତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସଂଯୋଜନା ଓ ପରିଚାଳନା କରିଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଭଦ୍ରକ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମନୋଜ ସାହୁ, ରୋଟାରିଆନ୍ ଅତିସ୍ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।


ଜିଲାପାଳ ଦିଲୀପ ରାଉତରାଏ ଅଭିବାଦନ ଗ୍ରହଣ କରୁଛନ୍ତି।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ବନ୍ତ,୧୬।୮(ହରି ନାରାୟଣ ମହାନ୍ତି)

ସ୍ୱାଧୀନତା ଦିବସ ଅବସରରେ ଭଦ୍ରକ ଜିଲା ବନ୍ତ ବ୍ଲକ ଓଡ଼ଙ୍ଗସ୍ଥିତ ସତୀ ସାବିତ୍ରୀ ବିଦ୍ୟାଳୟ ପରିସରରେ ବିଶ୍ୱାସ ଫାଉଣ୍ଡେଶନ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାଧବାନନ୍ଦ ମୁଣ୍ଡା, ସିଆରସିସି ପରମେଶ୍ୱର ପୃଷ୍ଟି, ପ୍ରଦୀପ କୁମାର ପଲେଇଙ୍କ ସମେତ ବିଶ୍ୱାସ ଫାଉଣ୍ଡେସନର ସମସ୍ତ କର୍ମକର୍ତ୍ତା ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇଥିଲା । ଏଥିସହ ସମସ୍ତ ଛାତ୍ରୀଛାତ୍ର ମାନଙ୍କୁ ୪ ଶହ ଗଛ ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନର ସଭାପତି ଜିତେନ୍ଦ୍ର ଜେନା, ଉପସଭାପତି ପ୍ରଶାନ୍ତ ନାୟକ, ସମ୍ପାଦକ ସୁକାନ୍ତ ବେହେରା, ରତନ ମିଶ୍ର, ଅକ୍ଷୟ ଗିରି, ନିଲେଶ ବାରିକ, ନାରାୟଣ ପରିଡ଼ା, ବ୍ରଜ ଗିରି, କୈଳାସ ଜେନା, ଶିବାନନ୍ଦ ସାହୁ, କୀର୍ତ୍ତି ଶଙ୍କର ମହାନ୍ତି, ବିଜୟ ଜେନା, ପର୍ଶୁରାମ ଜେନାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଓ ସମସ୍ତ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ । ଫାଉଣ୍ଡେଶନ ପକ୍ଷରୁ ପଞ୍ଚାୟତର ବିଭିନ୍ନ ସ୍ଥାନରେ ୧୦୦ ଗଛ ଲଗାଯାଇଥିଲା ।

# ତିହିଡ଼ିରେ ତ୍ରିରଙ୍ଗା ଶୋଭାଯାତ୍ରା

ତିହିଡ଼ି,୧୬।୮(ସଞ୍ଜିତ ବଳ)

ତିହିଡି ବ୍ଲକ ପିରହାଟର ପ୍ରଦେଶ ସେବା ସଙ୍ଗଠନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର କର୍ମକର୍ତ୍ତାମାନେ ୬୦୦ ଫୁଟ ଲମ୍ବର ତ୍ରିରଙ୍ଗା ଧରି କାନପୁରଠାରୁ ଶୋଭାଯାତ୍ରାରେ ବାହାରି ତିହିଡି ପୁରୁଣାହାଟରେ ପହଞ୍ଚିଥିଲେ। ସକାଳେ କର୍ମକର୍ତ୍ତାମାନେ ଚାରିବାଟିଆ ଓ ପିରହାଟ ପୁରୁଣାହାଟରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସଙ୍ଗଠନର ସଭାପତି ରଞ୍ଜନ ମିଶ୍ର, ସମ୍ପାଦିକା ସୁଭଦ୍ରା ଭାରତୀ, ଉପଦେଷ୍ଟା ଧ୍ରୁବଚରଣ ପାଣିଗ୍ରାହୀ, ଗୌତମ ମିଶ୍ର, ଆର୍ତ୍ତବଲ୍ଲଭ ବାରିକ, ଆଲୋକ ବିକାଶ ପ୍ରିୟଦର୍ଶୀ, ମନୋଜ ଦାସ ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ବିଜେଡି କାର୍ଯ୍ୟାଳୟରେ ବରିଷ୍ଠ ନେତା ଦୁର୍ଗାଦତ୍ତ ରାଉତରାୟ ପତାକା ଉତ୍ତୋଳନ କରିଥିବା ବେଳେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଡା.ସଞ୍ଜୟ ଦାସ, ବ୍ଲକ ସଭାପତି ରଘୁନାଥ ପଣ୍ଡା, ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ପକ୍ଷରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ। ବରିଷ୍ଠ ନେତା ରଘୁନାଥ ପାତ୍ର, ସୀତାକାନ୍ତ ନାୟକ, ଉମାକାନ୍ତ ଦାଦ, ତପନ ପାଣି, ଦେବବ୍ରତ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସ ପକ୍ଷରୁ ସାମାଜିକ କର୍ମୀ ଶଶିକାନ୍ତ ନାୟକ ପତାକା ଉତ୍ତୋଳନ କରିଥିବା ବେଳେ ବ୍ଲକ ସଭାପତି ସରୋଜ ଦାସ, ବିପିନ ବିହାରି ପତି, ସୁଧାଂଶୁ ମାହୁନ୍ତ, ଗଗନ ବିହାରୀ ମହନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତହସିଲ କାର୍ଯ୍ୟାଳୟରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷା ଅବନ୍ତୀ ଦାସ, ତିହିଡି ଥାନାରେ ଆଇଆଇସି ପି.କେ.ନାୟକ, ପିରହାଟ ଥାନାରେ ଆଇଆଇସି ଅଜୟ କୁମାର ମୁର୍ମୁ ପତାକା ଉତ୍ତୋଳନ କରିଥିଲେ।

# ୬୪ ସ୍କୁଲକୁ ପଟ୍ଟା ବଣ୍ଟନ


ତହସିଲଦାର ପଟ୍ଟା ବଣ୍ଟନ କରୁଛନ୍ତି।

ତିହିଡ଼ି,୧୬।୮(ସଞ୍ଜିତ ବଳ)

ସ୍ୱାଧୀନତା ଦିବସ ଅବସରରେ ଗୁରୁବାର ତିହିଡି ତହସିଲ କାର୍ଯ୍ୟାଳୟ ପକ୍ଷରୁ ବ୍ଲକର ୪୨ଟି ଉଚ୍ଚ ପ୍ରାଥମିକ ଓ ୨୨ଟି ପ୍ରାଥମିକ ସ୍କୁଲକୁ ମିଶାଇ ମୋଟ ୬୪ଟି ସ୍କୁଲକୁ ପଟ୍ଟା ବଣ୍ଟନ କରାଯାଇଛି। ପୂର୍ବରୁ ସ୍କୁଲ ପରିଚାଳନା କମିଟି ସମ୍ପାଦକଙ୍କ ମାର୍ଫତରେ ଥିବା ସ୍କୁଲ ଜମି ସରକାରଙ୍କ ଗଣ ଶିକ୍ଷା ବିଭାଗ ଅଧୀନକୁ ଯିବା ପରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ନମିତା ଧଳ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭସ୍ମିତା ତ୍ରିପାଠୀ, ଏବିଇଓ ରତ୍ନାକର ସାହୁ ଓ ଦାମୋଦର ଜେନା, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ରମାକାନ୍ତ ଦାସ, ସୁପରଭାଇଜର ଗିରିଶ ଚନ୍ଦ୍ର ନାୟକ, ରେକର୍ଡ ରକ୍ଷକ ଆକ୍ରମ ଅଲ୍ଲୀ ଖାଁ, ଶିକ୍ଷକ ମୂରଲୀଧର ଦାସ, ଗିରିଧାରୀ ଚାନ୍ଦ, ସସ୍ମିତା ମଞ୍ଜରୀ ନାୟକ, ରେବତୀ ପଲେଇଙ୍କ ସମେତ ରାଜସ୍ୱ ନିରୀକ୍ଷକ ମୀନକେତନ ଦାସ, ଗୋଲକ ମୁର୍ମୁ, ମହେଶ୍ୱର ରଣା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକରେ ଥିବା ୨୦୨ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୦୧ ସ୍କୁଲକୁ ଓ ପରେ ଅନ୍ୟ ସ୍କୁଲକୁ ପଟ୍ଟା ବଣ୍ଟନ କରାଯିବ ବୋଲି ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# ଅଟକ କୋଇଲା ଟ୍ରକ୍‌କୁ ନେଇ ବଢ଼ିଲା ସନ୍ଦେହ

ବାସୁଦେବପୁର,୧୬।୮
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର- ଧାମରା ରାସ୍ତାରେ ଚୋରା କୋଇଲା କାରବାର ଦିନକୁ ଦିନ ବଢ଼ି ଚାଲିଛି। ଏହା କେତେକ ଅସାମାଜିକ ଯୁବକଙ୍କ ହାତପାଣ୍ଟିକୁ ମଜବୁତ କରୁଥିବା ବେଳେ ବିଭିନ୍ନ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ଗୁରୁବାର ଭୋର ସମୟରେ ୨ଟି କୋଇଲା ବୋଝେଇ ଟ୍ରକକୁ ସ୍ଥାନୀୟ ଲୋକ ଅଟକ ରଖିବା ପରେ ବାସୁଦେବପୁର ପୋଲିସ ପହଞ୍ଚି ଗାଡ଼ିର କାଗଜପତ୍ର ଯାଞ୍ଚ କରିଥିଲା। ତେବେ ଏହା ଚୋରା କୋଇଲା ନୁହେଁ ବୋଲି ବାସୁଦେବପୁର ଆଇଆଇସି ଲୋପାମୁଦ୍ରା ନାୟକ ସ୍ପଷ୍ଟ କରିବା ସହ ଯାଞ୍ଚ ପରେ ଛାଡ଼ି ଦିଆଯାଇଛି ବୋଲି କହିଛନ୍ତି। ତେବେ ଏହି କୋଇଲା ଧାମରାରୁ ଆସୁଥିବାରୁ ଏହା ଚୋରା ଚାଲାଣ ହେଉଥିଲା ବୋଲି ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। କେତେକ ଅସାମାଜିକ ଯୁବକ ଓ ବିଭିନ୍ନ ସାମାଜିକ ସଙ୍ଗଠନର ସମ୍ପୃକ୍ତ କେତେକ ଯୁବକ ଏହି ଅଟକ ଟ୍ରକକୁ ଛାଡ଼ିବା ପାଇଁ ଅଣ୍ଟା ଭିଡ଼ିଥିବା ଲକ୍ଷ୍ୟ କରାଯାଇଥିଲା। ଭଦ୍ରକ ଅଞ୍ଚଳର କେତେକ ଚୋରା କୋଇଲା ବ୍ୟବସାୟୀ ମଧ ବାସୁଦେବପୁର ପୋଲିସ ଓ କେତେକ ଅସାମାଜିକ ଯୁବକଙ୍କ ସହ ଗୁପ୍ତ ମନ୍ତ୍ରଣା କରିବା ଘଟଣାକୁ ନେଇ ଅଧିକ ସନ୍ଦେହ ସୃଷ୍ଟି କରିଛି। ଏ ସମ୍ପର୍କରେ ଏସ୍‌ଡିପିଓ ସୌରଭ ଓତାଙ୍କୁ ପଚାରିବାରୁ ଅଟକ ଦୁଇ କୋଇଲା ଟ୍ରକର କାଗଜପତ୍ର ଯାଞ୍ଚ ପରେ ଛାଡ଼ି ଦିଆଯାଇଛି ବୋଲି କହିଛନ୍ତି।

# ସେବାବର୍ଗରେ ରତିକାନ୍ତ ଶୁକ୍ଳା ପାଇବେ ରାଷ୍ଟ୍ରପତି ପୋଲିସ ପଦକ

ଭଦ୍ରକ, ୧୬।୮(ରବିନାରାୟଣ ଖିଲାର)



୭୮ତମ ସ୍ୱାଧୀନତା ଦିବସ ଉପଲକ୍ଷେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ରାଉରକେଲାର ଜେଲର ରତିକାନ୍ତ ଶୁକ୍ଳାଙ୍କୁ ପ୍ରଶଂସନୀୟ ସେବା ପାଇଁ ରାଷ୍ଟ୍ରପତି ପୋଲିସ ପଦକ ପାଇବାକୁ ମନୋନୀତ ହୋଇଛନ୍ତି। ଶୁକ୍ଳା ହେଉଛନ୍ତି ଭଦ୍ରକର ଗୁଆମାଳସ୍ଥିତ ଭୂୟାଁଉଆଶ ଗ୍ରାମର ରତ୍ନାକର ଶୁକ୍ଳାଙ୍କ ପୁଅ। ଶୁକ୍ଳାଙ୍କୁ ଗୁଣବତ୍ତା ଭାବେ ଏହି ପଦକ ପ୍ରଦାନ କରାଯିବ। ସେ ୧୯୯୬ ଅଗଷ୍ଟ ୫ତାରିଖରେ ଓଡ଼ିଶା ଜେଲ ବିଭାଗରେ ଯୋଗ ଦେଇଥିଲେ। ପରେ ୨୦୨୦ ଜୁନ୍ ୧ତାରିଖରେ ସେ ଜଗତସିଂହପୁର ଜେଲର ଜେଲର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ପରେ ତାଙ୍କର ବଦଳି ୨୦୨୨ ମେ' ୧ ତାରିଖରେ ରାଉରକେଲାର ସ୍ୱତନ୍ତ୍ର ଜେଲକୁ ହୋଇଥିଲା। ସେ ସେଠାରେ ଜେଲର ଭାବେ କାର୍ଯ୍ୟ କରୁଛନ୍ତି। କାର୍ଯ୍ୟଦକ୍ଷତା, କର୍ତ୍ତବ୍ୟପରାୟଣତା ଓ ସେବାକ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ ପାଇଁ ତାଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏହି ପଦକ ପାଇବା ପାଇଁ ସେ ଯୋଗ୍ୟ ହୋଇଛନ୍ତି।

# ମେଗା ପାନୀୟ ଜଳ ପ୍ରକଳ୍ପ ଦୁର୍ନୀତିର ତଦନ୍ତ ଦାବି କଲେ ଏମ୍‌ପି

## ଭଦ୍ରକ ଜିଲା ପରିଷଦ ବୈଠକ

ଭଦ୍ରକ,୧୬।୮(ସନାତନ ରାଉତ)

ଭଦ୍ରକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ୬ଷ୍ଠ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଜିଲାପାଳ ଦିଲ୍ଲୀପ ରାଉତରାଏ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ପରିଷଦର ଉପସଭାପତି ଟୁନିବାଳା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଜିଲାର ସାଧାରଣ ଜନତାଙ୍କ ସମସ୍ୟା, ଅଭିଯୋଗ ସମାଧାନ କରିବା ସହ ସରକାରୀ ଯୋଜନାର ସଫଳତା ଓ ସାଧାରଣ ଲୋକ ପାଖରେ ପହଞ୍ଚିବା ପାଇଁ ରାଜନୈତିକ ଦଳୀୟ ଭାବନାରୁ ଊର୍ଦ୍ଧ୍ୱରେ ରହି ସମସ୍ତ ଅଧିକାରୀ ଓ ଜନପ୍ରତିନିଧିମାନେ କାମ କରିବା ଆବଶ୍ୟକ ବୋଲି ଏମ୍‌ପି ଓ ବିଧାୟକମାନେ ପ୍ରକାଶ କରିଥିଲେ। କୃଷି, ଶିକ୍ଷା, ପାନୀୟଜଳ, ଜଳ ସମ୍ପଦ, ଯୋଗାଣ, ଗ୍ରାମ୍ୟଉନ୍ନୟନ, ପୂର୍ତ୍ତ, ପଞ୍ଚାୟତରାଜ, ଜଳସେଚନ ଆଦି ବିଭାଗର କାର୍ଯ୍ୟଧାରା ଉପରେ ସମୀକ୍ଷା କରାଯାଇଥିଲା। ଚାନ୍ଦବାଲି ବ୍ଲକ୍, ଏନ୍‌ଏସି, ବାସୁଦେବପୁର, ତିହିଡ଼ି ଓ ଧାମନଗର ବ୍ଲକ ପାଇଁ ପାନୀୟ ଜଳ ଯୋଗାଣ ନିମନ୍ତେ ଚାନ୍ଦବାଲିଠାରେ ଓ ଭଣ୍ଡାରିପୋଖରୀ ପାଇଁ ଭଣ୍ଡାରିପୋଖରୀଠାରେ ନିର୍ମାଣ କରାଯାଉଥିବା ମେଗା ପାନୀୟଜଳ ପ୍ରକଳ୍ପର କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିବା, ଠିକାଦାରଙ୍କୁ ଅଧିକ ଅର୍ଥ ପୈଠ କରାଯାଇଥିବା ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ଏଥିରେ ଥିବା ଦୁର୍ନୀତିରେ ଭିଜିଲାନ୍ସ ତଦନ୍ତ ପାଇଁ ଏମ୍‌ପି ଦାବି କରିଥିଲେ। ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ଏହି ପ୍ରକଳ୍ପ ସାରିବା ନେଇ ବିଭାଗୀୟ ଅଧୀକ୍ଷଣଯନ୍ତ୍ରୀ ସୂଚନା ଦେଇଥିଲେ। ଉପାଧ୍ୟକ୍ଷା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# 'ମିଥ୍ୟା ବଦ୍‌ନାମ କରାଯାଉଛି'


ଖବରଦାତା ସମ୍ମିଳନୀରେ ସଞ୍ଜୟ କୁମାର ବିଶ୍ୱାସ ଓ ଅନ୍ୟମାନେ ।

## ଖବରଦାତା ସମ୍ମିଳନୀ

ଭଦ୍ରକ,୧୬।୮(ସନାତନ ରାଉତ)

ଭଦ୍ରକ-ଯାଜପୁର ଗୋ ରକ୍ଷକ ସମୂହର ସଦସ୍ୟ ସଞ୍ଜୟ କୁମାର ବିଶ୍ୱାସଙ୍କୁ ବଦ୍‌ନାମ କରାଯାଇଛି ବୋଲି ଗୁରୁବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଭଦ୍ରକ ସହର ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ଆୟୋଜିତ ସମ୍ମିଳନୀରେ କହିଛନ୍ତି, ସେ ଭଦ୍ରକର ନିବାସୀ, ଦୀର୍ଘ ୧୦ ବର୍ଷ ଧରି ଗୋରକ୍ଷା ତଥା ଗୋ ସେବା କରି ଆସୁଛନ୍ତି। ଅବାଧ ଗୋ ଚାଲାଣକୁ ରୋକିବା, ରାସ୍ତାରେ ଦୁର୍ଘଟଣାରେ ମୃତ୍ୟୁ ଘଟୁଥିବା ଗୋ ମାତାଙ୍କ ଶବଦାହ କରିବା ଆଦି କାର୍ଯ୍ୟ କରିଥାନ୍ତି। ମାତ୍ର କଟକ ଉଚ୍ଚ ନ୍ୟାୟାଳୟର ଜଣେ ଆଇନଜୀବୀ ତଥା ଗୋରକ୍ଷକ ମୋତେ ବଦ୍‌ନାମ କରିବା ପାଇଁ ମୁଁ ଜଣେ ବାଂଲାଦେଶୀ, ଭଦ୍ରକରେ ରହି ଗୋ ଚାଲାଣରେ ସମ୍ପୃକ୍ତି ଅଛି ବୋଲି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରୁଛନ୍ତି। ଯାହା ଦ୍ୱାରା ମୋର ମାନ ସମ୍ମାନ ହାନି ହେଉଥିବା ନେଇ ସଞ୍ଜୟ ଖବରଦାତା ସମ୍ମିଳନୀରେ କହିଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ଯାଜପୁର ଆଦର୍ଶ ଥାନାରେ ଅଭିଯୋଗ ମଧ କରିଛନ୍ତି ବୋଲି କହିଛନ୍ତି।

# ୨୦ କୃତୀ ଛାତ୍ରୀଛାତ୍ର ପୁରସ୍କୃତ


କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

ବନ୍ତ,୧୬।୮(ହରି ନାରାୟଣ ମହାନ୍ତି)

ସ୍ୱାଧୀନତା ଦିବସ ପାଳନ ଅବସରରେ ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ପଞ୍ଚାୟତ ଅଧୀନ ୧୦ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ୨୦ କୃତୀ ଛାତ୍ରୀଛାତ୍ରଙ୍କୁ ପଞ୍ଚାୟତ ପକ୍ଷରୁ ପୁରସ୍କୃତ କରାଯାଇଛି। ପ୍ରାରମ୍ଭରେ ସରପଞ୍ଚ ସଂଗ୍ରାମ କେଶରୀ ଜେନା ପତାକା ଉତ୍ତୋଳନ କରିଥିଲେ । ପିଇଓ ସମୀକ୍ଷା ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗଣେଶ ପ୍ରସାଦ କରଶର୍ମା, ମୁଖ୍ୟବକ୍ତା ଡା.ମଳୟ କୁମାର ପ୍ରଧାନ, ସମ୍ମାନୀତ ଅତିଥି ଭାବେ ବିଡିଓ ପ୍ରଦୀପ କୁମାର ସେଠୀ, ସରପଞ୍ଚ ଜେନା, ମନମୋହନ ସାହୁ, ପୂର୍ବତନ ସରପଞ୍ଚ ଅର୍ଜୁନ ଚରଣ ପଣ୍ଡା, ସ୍ୱାଧୀନତା ସଂଗ୍ରାମୀ ବାଳକୃଷ୍ଣ ଜେନା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ସରପଞ୍ଚଙ୍କ ଏତାଦୃଶ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଡିଇଓ ଅନୁସୂୟା ରାଉତ, ୱାର୍ଡ ସଭ୍ୟ ଅଜିତ ପଡିଆରୀ, ସୁଧାକର କଅଁର, ଶ୍ୟାମ ସୁନ୍ଦର ଦାଶ, ସ୍ୱପ୍ନାରାଣୀ ଦାଶ, ଅରୂପ ଧଳ, ଧନେଶ୍ୱର ସାହୁ, ଯମୁନା ସାହୁ, ରମାକାନ୍ତ ପାଣିଗ୍ରାହୀ, ସୁଧାକର ଧଳ, ପ୍ରତାପ ରାଉତ, ଦୋଳଗୋବିନ୍ଦ ଲେଙ୍କା, ସଞ୍ଜୟ ସାମଲ, ମନୋଜ ଜେନାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ ।

# ଦୋବଲ ବଜାରରୁ ଜବରଦଖଲ ଉଚ୍ଛେଦ

ଧାମନଗର,୧୬।୮(ଦେବେନ୍ଦ୍ର ଆନ୍ଦିଆ)

ଦୀର୍ଘ ବର୍ଷ ଧରି ଦୋବଲ ବଜାର ଜବରଦଖଲ କାରୀଙ୍କ କବଜା ରହିଥିଲା। ଜବରଦଖଲ ଯୋଗୁ ବିଭିନ୍ନ ସମୟରେ ଜଳ ନିଷ୍କାସନ ସମସ୍ୟା ସାଙ୍ଗକୁ ଟ୍ରାଫିକ ସମସ୍ୟା ବଢ଼ି ଚାଲିଥିଲା। ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ଧାମନଗର ତହସିଲ ପକ୍ଷରୁ ଜୋରଦାର ଉଦ୍ୟମ କରାଯାଇଛି। ରାଜ୍ୟ ସରକାରଙ୍କ କଡ଼ା ନିର୍ଦ୍ଦେଶ ପରେ ଏବେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି।

ଧାମନଗର ତହସିଲ ପକ୍ଷରୁ ନିକଟରେ ଧାମନଗର ବଡ଼ବଜାର ଛକରୁ ଜବରଦଖଲ ଉଚ୍ଛେଦ କରାଯାଇଥିବା ବେଳେ ଏବେ ଦୋବଲ ବଜାରକୁ ଜବରଦଖଲ ମୁକ୍ତ କରିବା ପାଇଁ ତହସିଲ ପକ୍ଷରୁ ଶୁକ୍ରବାର ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ମୁହାଁପୁର ପଞ୍ଚାୟତ ଦୋବଲ ବଜାର ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ଆଜି ମାପ କରାଯିବା ସହିତ ଯେଉଁମାନେ ସରକାରୀ ଜମିକୁ ଜବରଦଖଲ କରିଛନ୍ତି ତୁରନ୍ତ ସେସବୁ ସ୍ଥାନକୁ ପ୍ରଶାସନ ଉଚ୍ଛେଦ କରିଛି। ବଜାରର ଅଧା ଭାଗ ଶୁକ୍ରବାର ଉଚ୍ଛେଦ କରାଯାଇଥିବା ବେଳେ ଅବଶିଷ୍ଟ ଭାଗ ସମୟ ଅଭାବ ଯୋଗୁ ଉଚ୍ଛେଦ ହୋଇନାହିଁ। ଅନ୍ୟ ଦିନରେ ସେସବୁ ସ୍ଥାନ ଉଚ୍ଛେଦ କରାଯିବ ବୋଲି ତହସିଲଦାର କହିଛନ୍ତି। ତହସିଲଦାର ଦୀପକ କୁମାର ଦାସ, ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଥାନାଧିକାରୀ ଫନିନ୍ଦ୍ର ଭୂଷଣ ନାଏକଙ୍କ ସମେତ ପୂର୍ତ୍ତ ବିଭାଗର ଅଧିକାରୀ, ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଧାମନଗର କଲେଜଠାରୁ ଦୋବଲ ବଜାର ଗେଙ୍ଗୁଟି ନଦୀ ପୋଲ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ରାସ୍ତା ଜବରଦଖଲ ଯୋଗୁ ଜଳ ନିଷ୍କାସନ ସମସ୍ୟା ସୃଷ୍ଟି ହେଉଛି। ବିଭିନ୍ନ ସମୟରେ ଗାଡ଼ି ମୋଟର ଚଳାଚଳରେ ଅସୁବିଧା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଲୋକଙ୍କୁ ଘଣ୍ଟାଘଣ୍ଟା ଧରି ରାସ୍ତାରେ ଠିଆ ହେବାକୁ ପଡୁଛି। ଏହି ସମସ୍ୟା ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ବାରମ୍ବାର ଦାବି କରିବା ପରେ ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଛି।



ଦୋବଲ ବଜାରରୁ ଜବରଦଖଲ ଉଚ୍ଛେଦ କରାଯାଇଛି।

### ପରେଡ୍ ପଡ଼ିଆରେ ୫ ଛାତ୍ରୀ ଅସୁସ୍ଥ

ଆନନ୍ଦପୁର,(ସୁଶାନ୍ତ କୁମାର ସାହୁ): ଆନନ୍ଦପୁର ଷ୍ଟାଡିୟମ ପରିସରରେ ଆୟୋଜିତ ହୋଇଥିବା ୭୮ ତମ ସ୍ୱାଧୀନତା ଦିବସ ପାଳନ ପରିପ୍ରେକ୍ଷୀରେ ପରେଡ୍‌ରେ ଅଂଶ ଗ୍ରହଣ କରିଥିବା ୫ ଛାତ୍ରୀ ଅସୁସ୍ଥ ହେବା ଘଟଣା ନଜରକୁ ଆସିଛି। ଅସହ୍ୟ ଗୁଳୁଗୁଳି ଯୋଗୁ ଫକିରପୁର ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଆମ୍ବୁଲାନ୍ସ ସହାୟତାରେ ଅସୁସ୍ଥ ଛାତ୍ରୀଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଆଶୁ ଚିକିତ୍ସା ପରେ ସମସ୍ତେ ଘରକୁ ଫେରିଯାଇଥିଲେ।

## କେନ୍ଦୁଝର

# ‘ସମସ୍ତେ ବିକଶିତ ଓଡ଼ିଶା ଗଠନର ସଂକଳ୍ପ ନିଅନ୍ତୁ’

କେନ୍ଦୁଝର,୧୬।୮(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ସଦର ମହକୁମାରେ ୭୮ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କେନ୍ଦୁଝର ଷ୍ଟାଡିୟମରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ଜିଲାପାଳ ବିଶାଲ ସିଂହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମିଳିତ ଆନୁଷ୍ଠାନିକ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଉଦ୍‌ବୋଧନ ଛଳରେ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ସହ ବିକଶିତ କେନ୍ଦୁଝର ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ।

କେନ୍ଦୁଝର ମାଟିକୁ ବୀର ମାଟି ଭାବେ ଅଭିହିତ କରି ଇଂରେଜ ସମର୍ଥିତ ରାଜତନ୍ତ୍ରର ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ ବିରୋଧରେ ବିପ୍ଲବୀ ଧରଣୀଧରଙ୍କ ବିଦ୍ରୋହ ସବୁବେଳେ ପ୍ରେରଣାର ଉତ୍ସ ହୋଇ ରହିବ। ଏଥିସହ କେନ୍ଦୁଝରର ବିଧାୟକ ମୋହନ ଚରଣ ମାଝୀ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଅଧିଷ୍ଠିତ ହେବା ଜିଲା ପାଇଁ ସୌଭାଗ୍ୟ ବୋଲି କହିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ସୂଚନା ଦେଇଥିଲେ। ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ମାନସ ବେହେରା ପରେଡ୍ ପରିଚାଳନା କରିଥିଲେ। ସମାରୋହରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚଡି, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ଆଇଏଏସ୍ ପ୍ରୋବେସନର ପ୍ରେକ୍ଷା ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲୀପ ନାୟକ, କେନ୍ଦୁଝର ଉପ ଜିଲାପାଳ ଜ୍ୟୋତିଶଙ୍କର ଦଳେଇ, ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର ପ୍ରୁଷ୍ଟି, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ବସନ୍ତ ସେଠୀ, ଜିଲା କ୍ରୀଡ଼ା



ଜିଲାପାଳ ବିଶାଳ ସିଂହ ଅଭିବାଦନ ଗ୍ରହଣ କରୁଛନ୍ତି।

ଅଧିକାରୀ ଜିତେନ୍ଦ୍ର ମହାକୁଡ, ଜିଲା ସଂସ୍କୃତି ଅଧିକାରୀ ରମେଶ ନାୟକଙ୍କ ସମେତ ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ପଦ୍ମଶ୍ରୀ ଦୈତାରୀ ନାଏକଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାର ଶ୍ରେଷ୍ଠ ଜୁଆଙ୍ଗ ମାଟ୍ରିକ୍ୟୁଲେଟ ଛାତ୍ରୀ ସୁଭଦ୍ରା ଜୁଆଙ୍ଗ, ଛାତ୍ର ରଘୁ ଜୁଆଙ୍ଗ, ଶ୍ରେଷ୍ଠ ମାଟ୍ରିକ୍ୟୁଲେଟ ଭାବେ ଶ୍ରେୟା ସୁହାନୀ ନାୟକ, ଶ୍ରେଷ୍ଠ ବାଳକ ଏବଂ ଶ୍ରେଷ୍ଠ ଏସ୍‌ଟି ମାଟ୍ରିକ୍ୟୁଲେଟ ଭାବେ ଯଜ୍ଞସେନ ନାଏକ, ଶ୍ରେଷ୍ଠ ଏସ୍‌ସି ମାଟ୍ରିକ୍ୟୁଲେଟ ଅନ୍ୱେଷା ଆଲିୟାନା, ଶ୍ରେଷ୍ଠ ସିବିଏସଇ ମାଟ୍ରିକ୍ୟୁଲେଟ ଛାତ୍ରୀ ଇଷିତା ଭୂୟାଁ, ଛାତ୍ର ସ୍ୱସ୍ତିକ ମହାନ୍ତ, ଶ୍ରେଷ୍ଠ ଆଇସିଏସଇ ମାଟ୍ରିକ୍ୟୁଲେଟ ଆର୍ଯ୍ୟାନ କର, ଶ୍ରେଷ୍ଠ +୨ କଳା ଛାତ୍ରୀ ସୁପ୍ରିୟା ସାହୁ, ଶ୍ରେଷ୍ଠ +୨ ବିଜ୍ଞାନ ଛାତ୍ର ମାନସ ରଞ୍ଜନ ଦିକ୍ଷୀତ, ଶ୍ରେଷ୍ଠ +୨ ବାଣିଜ୍ୟ ଛାତ୍ର ସୁଦେସ୍ନା ସାହୁ, ଆଦର୍ଶ ସେବକ ଭାବେ ସରକାରୀ ଆଶ୍ରମ ବିଦ୍ୟାଳୟ, ଭଗାମୁଣ୍ଡାର ହେଡ ସେବକ ସରୋଜ ନନ୍ଦ, ଆଦର୍ଶ ସେବିକା ସରକାରୀ ଉଚ୍ଚ ବିଦ୍ୟାଳୟ, କାଦକଳାର ସେବିକା ଚିନ୍ମୟୀ ପଣ୍ଡା, ଆଦର୍ଶ ଅଙ୍ଗନୱାଡିକର୍ମୀ ଆନନ୍ଦପୁର ବ୍ଲକର ମଲହାରପଦା ଅଙ୍ଗନୱାଡି କେନ୍ଦ୍ରର ଶାନ୍ତିଲତା ରାଉତ, ଆଦର୍ଶ ମହିଳା ସ୍ୱାସ୍ଥ୍ୟକର୍ମୀ ଭାବେ ସାହାରପଡା ବ୍ଲକ୍‌ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉଦୟପୁରର ମାଳତୀ ସେଠୀଙ୍କ ଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟ ଅତିଥି ସିଲଡ ପ୍ରଦାନ କରିଥିଲେ। କେନ୍ଦୁଝର ଅଡିଟୋରିୟମରେ ମିଳନୀ ସାହିତ୍ୟ ସଂସଦ ସହଯୋଗରେ କବିତା ପାଠୋତ୍ସବ, କେନ୍ଦୁଝର ଷ୍ଟାଡିୟମଠାରେ ଜିଲା ପ୍ରଶାସନ ଏକାଦଶ ଓ ନାଗରିକ ଏକାଦଶ ମଧ୍ୟରେ ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା।

## ଜେଏସ୍‌ପି ପକ୍ଷରୁ ସ୍ୱାଧୀନତା ଦିବସ



ଯୋଡ଼ା(ମାନସ ମହାନ୍ତି)/କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ),୧୬।୮

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ପକ୍ଷରୁ ବଡ଼ବିଲ ପେଲେଟ ପ୍ଲାଣ୍ଟ, ଟେନସା ଓ କାସିଆ ଆଇରନ ମାଇନ୍ସରେ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବଡ଼ବିଲ ପେଲେଟ ପ୍ଲାଣ୍ଟ ପରିସରରେ ୟୁନିଟ ମୁଖ୍ୟ ପୁରୁଷୋତ୍ତମ ଏମ. ଡି. ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜେଏସ୍‌ପିର ଟେନ୍ସାସ୍ଥିତ ଲୁହା ଖଣି ପରିସରରେ ୟୁନିଟ୍ ମୁଖ୍ୟ କମଳାକାନ୍ତ ନନ୍ଦ ଓ କାଶିଆ ଲୁହା ଖଣି ପରିସରରେ ୟୁନିଟ ମୁଖ୍ୟ ପ୍ରମୋଦ ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମାରୋହରେ ବରିଷ୍ଠ ଅଧିକାରୀ, କର୍ମଚାରୀ, ବ୍ୟବସାୟ ସହଯୋଗୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ସକ୍ରିୟ ଭାବେ ସାମିଲ ହୋଇଥିଲେ। ସୋସିଆଲ ମେଡିଆ ପ୍ଲାଟଫର୍ମ ‘ଏକ୍ସ’ରେ ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ୱାଧୀନତା ସଂଗ୍ରାମର ଅଗଣିତ ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ପାରିପାର୍ଶ୍ୱିକ ଗ୍ରାମରେ ମିଷ୍ଟାନ୍ନ ବଣ୍ଟନ ସହ ବିଭିନ୍ନ ସ୍କୁଲରେ ଦେଶପ୍ରେମ ପର୍ଯ୍ୟବେସିତ ପ୍ରବନ୍ଧ, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ସିଏସ୍‌ଆର ମୁଖ୍ୟ ଭର୍ଜିଲ ଲାକ୍ରା ଓ ତାଙ୍କ ଟିମ୍ ଆୟୋଜନ କରିଥିଲେ।

## ଦେଶପ୍ରତି ଉତ୍ସର୍ଗୀକୃତ ହେବାକୁ ଆହ୍ୱାନ

ଯୋଡା,୧୬।୮(ମାନସ ମହାନ୍ତି)

ଟାଟା ଷ୍ଟିଲ ଯୋଡ଼ା ପକ୍ଷରୁ ଭାରତର ୭୮ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଯୋଡ଼ା ସେଣ୍ଟ୍ରାଲ ଅର୍ଗାନାଇଜେସନ (ଜେସିଓ)ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ଯୋଡ଼ା ଚିଫ୍ ରାଜେଶ କୁମାର ମୁଖ୍ୟ ଅତିଥିଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କମ୍ପାନୀର ଅନ୍ୟ ବିଭାଗର ଅଫିସର ଓ କର୍ମଚାରୀଙ୍କ ସହ ୟୁନିଅନର କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ଥିଲେ। ଅଭିଭାଷଣରେ ରାଜେଶ ଦେଶପ୍ରତି ଉତ୍ସର୍ଗୀକୃତ ହୋଇ ଏହାର ବିଭିନ୍ନ ଗଠନମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନୁରୂପ ଭାବରେ, ଯୋଡା ଇଷ୍ଟ, ଖଣ୍ଡବନ୍ଧ ଏବଂ ନୀଳାଚଳ ଖଣି ତଥା କଲମଙ୍ଗ ଏବଂ ଗନ୍ଧଲପଦା ପ୍ରକଳ୍ପ ଅଫିସରେ ପତାକା ଉତ୍ତୋଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଯୋଡା ସ୍ଥିତ କେନ୍ଦ୍ରୀୟ ଖେଳ ପଡ଼ିଆଠାରେ, ଟାଟା ଷ୍ଟିଲର ଅଫିସର ଏବଂ କର୍ମଚାରୀମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଖେଳର ଆୟୋଜନ କରାଯାଇଥିଲା।



## ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେପକାଇଲେ



କେନ୍ଦୁଝର,୧୬।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅଁରା ଗ୍ରାମରେସ୍ଥାପିତ ଶ୍ରୀ ମେଟାଲିକ୍ସ ଲିଃ କାରଖାନା ପରିସରରେ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କାରଖାନାର ମୁଖ୍ୟ ସରୋଜ କୁମାର ବିଶ୍ୱାଳ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସମବେତ ଜନତାଙ୍କୁ ସମ୍ବୋଧନ କରି ସ୍ୱାଧୀନତା ପ୍ରାପ୍ତିର ମହାମନିଷୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ରାଷ୍ଟ୍ର ଗଠନରେ ସେମାନଙ୍କର ଅବଦାନକୁ ମନେ ପକାଇଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କାରଖାନାର ବୈଷୟିକ ମୁଖ୍ୟ ବିଏନ ପ୍ରସାଦ, ମାନବସମ୍ବଳ ମୁଖ୍ୟ ଶିଶିର ରାଉତ, ଡିଜିଏମ ଅବନୀ ବିଶ୍ୱାଳ, ଶରତ ପ୍ରଧାନ, ସିନିୟର ଏଜିଏମ (ଲଜିଷ୍ଟିକ) ବିନୋଦ ମହାନ୍ତି, ସିନିୟର ଏଜିଏମ ସୁଶିଲ ଭୂୟାଁ, ଜ୍ଞାନରଞ୍ଜନ ସ୍ୱାଇଁ, ଆଲମୁରୁ ରମେଶ, ଏଜିଏମ ନିହାର ରଞ୍ଜନ ପରିଡ଼ା, ପ୍ରୋଜେକ୍ଟ ସିନିୟର ମ୍ୟାନେଜର ଦେବବ୍ରତ ମେହେର ଓ ବରିଷ୍ଠ ପରିଚାଳକ ଚିନ୍ମୟ ରାଉତ, ଅରବିନ୍ଦ ନନ୍ଦ, ହିମାଂଶୁ ସାହୁ, ଶେଷଦେବ ବେହେରା, ସୁରକ୍ଷା ଅଧିକାରୀ ଇଞ୍ଜାମାମ ଉଲ ହକ, ଟାଇମ୍ ଅଫିସ ଅଧିକାରୀ ପ୍ରଭାକର ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। ସିକ୍ୟୁରିଟି ମ୍ୟାନେଜର ଅସରଫ୍ ଅଲ୍ଲୀ ହଜାରୀ ପରେଡ ପରିଚାଳନା କରିଥିଲେ। ଶେଷରେ ସମସ୍ତ କର୍ମଚାରୀ ଏବଂ ଗାଁର ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ଅଧା ଦାମ୍‌ରେ ଗାଡ଼ି ଦେବା ଆଳରେ ଠକେଇ

### ସ୍ତ୍ରୀ, ସ୍ୱାମୀ ଗିରଫ

ଖୁଣ୍ଟା(ଦେବରଞ୍ଜନ ବେହେରା)/ଗୋପବନ୍ଧୁ ନଗର(ଶାନ୍ତନୁ କୁମାର ମଙ୍ଗୁଆଲ), ୧୬।୮

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ କରକଚିଆ ଗ୍ରାମର ଜଣେ ମହିଳା ଓ ତାଙ୍କ ସ୍ୱାମୀ କମ୍ପାନୀ ମୂଲ୍ୟଠାରୁ ଅଧା ଦାମ୍‌ରେ ବିଭିନ୍ନ ଗାଡ଼ି ଯୋଗାଇ ଦେବା ଆଳରେ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ତଦନ୍ତ କରି କବିତା ସିଂ ଓ ତାଙ୍କ ସ୍ୱାମୀ ବାପି ବେହେରାଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ. ୨୬୦/୨୪) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, କବିତା ତାଙ୍କ ସ୍ୱାମୀଙ୍କ ସହିତ ମିଶି କମ୍ପାନୀର ଅଫର ଅଛି, ବାଇକ୍ ହେଉ କିମ୍ବା ୪ ଚକିଆ ଯେଉଁ ଗାଡ଼ି ନେବ ତାର ପ୍ରକୃତ ମୂଲ୍ୟଠାରୁ ଅଧା ଦାମ୍‌ରେ ନୂତନ ଗାଡ଼ି ମିଳିବ ବୋଲି କହି ଲୋକଙ୍କଠାରୁ ଟଙ୍କା ସଂଗ୍ରହ କରିଥିଲେ। ଲୋକଙ୍କୁ ବାଇକ୍, ସ୍କୁଟି, ବୁଲେଟ୍ ଇତ୍ୟାଦି ଦେଇଥିଲେ। ଅଧା ଦାମ୍‌ରେ ଗାଡ଼ି ପାଇ ଲୋକେ ଖୁସି ହୋଇଥିଲେ ମଧ୍ୟ ଏହି ଖୁସି ବେଶ ଦିନ ରହି ନ ଥିଲା। ଗାଡ଼ି ପାଇବାର କିଛି ମାସ ପରେ ଫାଇନାନ୍ସ କମ୍ପାନୀ ଇଏମ୍‌ଆଇ ପ୍ରଦାନ କରି ନ ଥିବା ଅଭିଯୋଗରେ କେତେ ଜଣଙ୍କ ଗାଡ଼ିକୁ ଟାଣି ନେଇଥିଲା। ଗାଡ଼ି କିଣିଥିବା ଲୋକେ ଘଟଣା ସମ୍ପର୍କରେ କବିତାଙ୍କ ସହ ଯୋଗାଯୋଗ କରିଥିଲେ। କବିତା ବିଭିନ୍ନ ଆଳ ଦେଖାଇ ସେମାନଙ୍କୁ ଠକି ଚାଲିଥିଲେ। ପରବର୍ତ୍ତୀ ସମୟର ତାଙ୍କର ମୋବାଇଲ ସୁଇଚ ଅଫ୍ ହୋଇ ଯାଇଥିଲା। ଗାଡ଼ି କିଣିଥିବା ଲୋକେ ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇ ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମୟୂରଭଞ୍ଜ ଜିଲାର ଖୁଣ୍ଟା , ବାରିପଦା ସଦର , ଉଦଳା , କପ୍ତିପଦା , ଶରତ ସମେତ ପଡ଼ୋଶୀ ବାଲେଶ୍ୱର ଜିଲାର ସହଦେବ ଖୁଣ୍ଟା, ଚାନ୍ଦିପୁର ଆଦି ଥାନା ଅଞ୍ଚଳର ଶତାଧିକ ଲୋକଙ୍କଠାରୁ କବିତା ଓ ତାଙ୍କ ସ୍ୱାମୀ ଏଭଳି ଅଭିନବ ଉପାୟରେ ଠକିଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଥିବା ଖୁଣ୍ଟା ଥାନା ଆଇଆଇସି ସୁଜାତା ଖମାରୀ ପ୍ରକାଶ କରିଛନ୍ତି ।

## ଅଣ୍ଡର ପାସ୍‌ରେ ଫସାଇଦେଲା ଗୁଗଲ୍ ମ୍ୟାପ୍

ରାମଚନ୍ଦ୍ରପୁର,୧୬।୮(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ମଛାଳ ପଞ୍ଚାୟତର ବିଶ ତାରିଣୀ ମନ୍ଦିର କଡ଼ ୨୦ନଂ ଜାତୀୟ ରାଜପଥ ଅଣ୍ଡର ପାସ୍‌ରେ ଏକ ପିକ୍‌ଅପ୍ ଗାଡ଼ି ଫସିଯାଇଥିଲା। ଏକ ଘଣ୍ଟା ପର୍ଯ୍ୟନ୍ତ ଅଟକି ରହିବାରୁ ଯାତାୟାତ ବ୍ୟାହତ ହୋଇଥିଲା। ଶୁକ୍ରବାର ପିକ୍‌ଅପ୍(ଓଆର୍ ୦୪ ଏଫ ୦୧୩୧) ଅଣ୍ଡର ଗ୍ରାଉଣ୍ଡ ବାଇପାସ ଦେଇ ବାଟୋ ଯାଉଥିଲା। ଛୋଟ ରାସ୍ତାରେ ଉପର ହୁଡ ଲାଗି ଅଟକି ରହିଥିଲା। ଗାଡ଼ି ଚାଳକ ଭିମସେନ ସେଠୀ କହିବା ମୁତାବକ, ଗୁଗଲ ମ୍ୟାପ ଦେଖି ବାଟୋ ପାଇଁ ଏହି ରାସ୍ତା ପାର ହେବାକୁ ଚେଷ୍ଟା କରିଥିଲେ। ମାତ୍ର ଭୁଲ ରାସ୍ତା ଯୋଗୁ ଫସିଗଲେ। ଗାଡ଼ିର ଚାରୋଟି ଚକରୁ ପମ୍ପ ଖୋଲିବା ପରେ ଗାଡ଼ିଟି ଉଦ୍ଧାର ହୋଇଥିଲା। ଏନ୍‌ଏଚ୍‌ଆଇର ଏହି ବାଇପାସ ରାସ୍ତା ଖୁବ୍ କମ ଉଚ୍ଚ ହୋଇଥିବାରୁ ବିଭିନ୍ନ ସମୟରେ ଏଭଳି ଘଟୁଥିବା ଅଞ୍ଚଳବାସୀ କହିଛନ୍ତି।



## ଉଲ୍ଲେଖନୀୟ ସେବା ପାଇଁ ପାଟଣା ଥାନା ଅଧିକାରୀ ସମ୍ବର୍ଦ୍ଧିତ

ପାଟଣା,୧୬।୮(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ଷ୍ଟାଡ଼ିୟମରେ ଗୁରୁବାର ୭୮ତମ ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ଉଲ୍ଲେଖନୀୟ ସେବା ପାଇଁ ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ପୁଷ୍ପଗୁଚ୍ଛ, ଅଙ୍ଗ ବସ୍ତ୍ର ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ପାଟଣା ଥାନାଧିକାରୀ ଅଞ୍ଚଳରେ ଘଟିଥିବା ବିଭିନ୍ନ ଚୋରି ରାହାଜାନୀ, ଛିନ୍‌ତାଇ ଘଟଣାରେ ଅଭିଯୁକ୍ତଙ୍କୁ ଧରିବା ସହ ଅପରାଧକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିବାରୁ ତାଙ୍କୁ ଏହି ସମ୍ମାନ ମିଳିଛି। କାର୍ଯ୍ୟକ୍ରମରେ ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ବିଡିଓ ଶିବ ଶଙ୍କର ମୁର୍ମୁ, ଏବିଡିଓ ଚିତ୍ତରଞ୍ଜନ ନାୟକ, ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଏମ୍‌ପି ପ୍ରତିନିଧି ପ୍ରହଲ୍ଲାଦ ପଲେଇ ପ୍ରମୁଖ ମଞ୍ଚାସିନ ଥିଲେ।

## ଅସରାଏ ବର୍ଷାରେ ଘରେ ଆଣ୍ଠୁଏ ପାଣି

ଯୋଡ଼ା,୧୬।୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାର ୨ନଂ. ୱାର୍ଡ ବନେଇକଳା ବସ୍ତିରେ ଗୁରୁବାର ଅସରାଏ ବର୍ଷାରେ ଅସମ୍ଭାଳ ସ୍ଥିତି ଉପୁଜିଥିଲା। ଡ୍ରେନ୍‌ରେ ଆବର୍ଜନା, ବର୍ଷା ଜଳ ଘର ପଶି ଆଣ୍ଠୁଏ ଉପରେ ଜମି ରହିଥିଲା। ଏହା ସହିତ ଶିବ ଶଙ୍କର ସ୍କୁଲଠାରୁ ବ୍ଲକ୍ ପର୍ଯ୍ୟନ୍ତ ବସ୍ତି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବର୍ଷା ଦିନରେ ଡ୍ରେନ୍ ଓ ବର୍ଷା ଜଳ ରାସ୍ତା ଉପରେ ଲହଡ଼ି ଖେଳୁଛି। ଶୀଘ୍ର ରାସ୍ତା ସଂଲଗ୍ନ ଡ୍ରେନ୍‌ର ମରାମତି ନ କଲେ ପୌର କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି। ଯୋଡ଼ା ପୌର ଅଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ କହିଛନ୍ତି, ଡ୍ରେନ୍ ନିର୍ମାଣ କାର୍ଯ୍ୟ ବେଳେ ଅଞ୍ଚଳବାସୀ ବିରୋଧ କରିଥିଲେ। ଯାହାକି ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ଅଞ୍ଚାଳବାସୀ ସହମତି ପ୍ରଦାନ କଲେ କାର୍ଯ୍ୟ ଆରମ୍ଭ କରାଯିବ। ସାମୟିକ ସମାଧାନ ପାଇଁ ଆଲୋଚନା ହୋଇଛି।

## କେନାଲରେ ବୁଡି ବୃଦ୍ଧା ମୃତ

ହାଟଡ଼ିହୀ,୧୬।୮ (ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ନନ୍ଦିପଦା ଥାନା ବଡ଼ତିରା ଗ୍ରାମ କେନାଲରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଗ୍ରାମର ରମ୍ଭାମଣି ନାୟକ (୮୩)। ସେ ଶୁକ୍ରବାର ନିକଟସ୍ଥ ବୈତରଣୀ କେନାଲ ନିକଟକୁ ଶୌଚ ହେବାକୁ ଯାଇଥିଲେ। କେନାଲରେ ଶୌଚ ହେଉଥିବା ବେଳେ କେନାଲ ଭିତରକୁ ଖସି ପଡ଼ି ବୁଡ଼ି ଯାଇଥିଲେ। ବୃଦ୍ଧା ଜଣକ ପାଣିରେ ଭାସି ଯାଉଥିବା ବେଳେ ଲୋକ ଦେଖି ହାଟଡ଼ିହୀ ଦମକଳ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ବୃଦ୍ଧାଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

## ଧାନବିଲରେ ପଡ଼ି ମହିଳାଙ୍କ ମୃତ୍ୟୁ

ଖୁଣ୍ଟା(ଦେବରଞ୍ଜନ ବେହେରା)/ଗୋପବନ୍ଧୁ ନଗର(ଶାନ୍ତନୁ କୁମାର ମଙ୍ଗୁଆଲ), ୧୬।୮– ଖୁଣ୍ଟା ଥାନା ଅଧୀନ ଭୋଳାଗଡ଼ିଆ ପଞ୍ଚାୟତ ନୂଆଗାଁ ଖଡ଼ିଆସାହି ଗ୍ରାମର ଜଣେ ବୃଦ୍ଧା କାମ କରିବାକୁ ଯାଇଥିବା ବେଳେ ବିଲରେ ପଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ପଞ୍ଚୁ ଖଣ୍ଡାପାତ୍ରଙ୍କ ସ୍ତ୍ରୀ ଚମ୍ପାମଣି (୬୫)। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୫୫/୨୪) ରୁଜୁ ହୋଇଛି।

## ପ୍ରସ୍ତାବିତ ରିଭର ସାଇଡ ପାର୍କ କ୍ଷେତ୍ର ପରିଦର୍ଶନ କଲେ ମନ୍ତ୍ରୀ

### ପ୍ରକଳ୍ପର କାର୍ଯ୍ୟକାରିତା ନେଇ ଆଲୋଚନା

ବାଲେଶ୍ୱର, ୧୬।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାବାସୀଙ୍କ ପାଇଁ ଏକ ପାର୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଧାୟକ ମାନସ କୁମାର ଦତ୍ତ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ମନ୍ତ୍ରୀ ମହାପାତ୍ର ଉକ୍ତ ଦାବିକୁ ଗୁରୁତ୍ୱ ଦେଇ ସ୍ଥାନୀୟ ନୁଣିଆଯୋଡିଠାରେ ପ୍ରସ୍ତାବିତ ରିଭର ସାଇଡ୍ ପାର୍କର କ୍ଷେତ୍ର ପରିଦର୍ଶନ ସହ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ବିଭିନ୍ନ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଉପଜିଲାପାଳ ଅରବିନ୍ଦ ରାଜେଶିର୍କେ ଓ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନବପ୍ରସାଦ ମହାଳିକ ପ୍ରମୁଖଙ୍କୁ ମନ୍ତ୍ରୀ ପାର୍କ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ବାଲେଶ୍ୱର ପୌରପାଳିକାର ଉନ୍ନୟନ କାର୍ଯ୍ୟକୁ ନେଇ ଆୟୋଜିତ ସମୀକ୍ଷା ବୈଠକରେ ନୁଣିଆଯୋଡିଠାରେ ଚାଲିଥିବା ଏକାଧିକ ରିଭର ସାଇଡ୍ ପ୍ରକଳ୍ପକୁ ଅତ୍ୟାଧୁନିକ ରିଭର ସାଇଡ୍ ପାର୍କ ନିର୍ମାଣରେ ରୂପାନ୍ତରିତ ପାଇଁ ବିଧାୟକ ଦତ୍ତ ପ୍ରସ୍ତାବ ଗୃହୀତ କରାଇଥିଲେ। ବାଲେଶ୍ୱର ପୌରପାଳିକା ପକ୍ଷରୁ ପାର୍କ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ସହ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ପ୍ରସ୍ତାବ ଦିଆଯାଇଥିଲା। ପାର୍କ ନିର୍ମାଣ ପାଇଁ ଅନ୍ୟୁନ ୫କୋଟି ଟଙ୍କା ଅନୁଦାନ ମଞ୍ଜୁର ପାଇଁ ନିବେଦନ କରିଥିଲେ।

## ସରକାରୀ ମଦ ଦୋକାନ ଆଗରେ ମହିଳାଙ୍କ ଧାରଣା

କାଳିପଦା, ୧୬।୮(ରାଜଶ୍ରୀ ପାଣିଗ୍ରାହୀ)

ଓଡ଼ିଶାକୁ ନିଶାମୁକ୍ତ କରିବାପାଇଁ ଅଣ୍ଟା ଭିଡ଼ିଛନ୍ତି ଜନନୀ ପରିବାର ସଭାପତି ଆଇନଜୀବୀ ଜ୍ୟୋତ୍ସ୍ନାରାଣୀ ମହାନ୍ତି ଏବଂ ତାଙ୍କ ଟ୍ରଷ୍ଟର କର୍ମକର୍ତ୍ତା। ଅଗଷ୍ଟ ୧୫ ତାରିଖ ମଧ୍ୟ ମଦ ଦୋକାନ ବନ୍ଦ କରାଯାଉ ବୋଲି ଦୃଢ଼ ଦାବି ଉଠିଛି। ମୁଖ୍ୟରାସ୍ତା ଠାରୁ ୫ ଶହ ମିଟର ଦୂରତାରେ ମଦ ଦୋକାନ ଖୋଲିବା ପାଇଁ ନିୟମ ରହିଥିବାବେଳେ ନିୟମକୁ ଉଲ୍ଲଂଘନ କରାଯାଇଛି। ବାଲିଆପାଳ–ବସ୍ତା ମୁଖ୍ୟ ରାସ୍ତା କଡ଼ରେ ଖୋଲା ହୋଇଛି ସରକାରୀ ମଦ ଦୋକାନ। ଏହାକୁ ବନ୍ଦ କରିବା ଦାବିରେ ମହିଳାମାନେ ଧାରଣା ଦେଇଥିଲେ। ସରକାର ଆମ ଦାବି ପ୍ରତି ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ଜନ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ମହାନ୍ତି ଚେତାବନୀ ଦେଇଛନ୍ତି।

## ୧୫ ପରିବାର ଜଳବନ୍ଦୀ, ୨ ଘର ଭାଙ୍ଗିଲା

ବଡବିଲ,୧୬।୮(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲରେ ଶୁକ୍ରବାର ପ୍ରବଳ ବର୍ଷା ଯୋଗୁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗିଛନ୍ତି। ପୌରାଞ୍ଚଳ ୱାର୍ଡ ନଂ. ୮ର ମହାରଣା ସାହିରେ ୨ ଘର ଭାଙ୍ଗିଯାଇଛି। ୱାର୍ଡ ନଂ. ୯ସ୍ଥିତ ପାଲ ହାଟିଂରେ ୧୫ ପରିବାର ଜଳବନ୍ଦୀ ହୋଇ ଦୀର୍ଘ ଘଣ୍ଟା ଧରି ରହିଥିଲେ। ଖବର ପାଇ ପୌର ଅଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ, ନିର୍ବାହୀ ଅଧିକାରୀ ବିଶ୍ୱଜିତ ରାୟ ସଦଳବଳେ ମହାରଣା ସାହିରେ ପହଞ୍ଚି ୨ ପରିବାରକୁ ଉଦ୍ଧାର କରି ପୁରୁଣା ପୌର କାର୍ଯ୍ୟାଳୟରେ ବେସାହାରା ପରିବାରକୁ ଆଶ୍ରୟ ଦେଇଥିଲେ। ପାଲ ହାଟିଂରେ ପହଞ୍ଚି ପମ୍ପ ଯୋଗେ ଜଳ ନିଷ୍କାସନ କରିବା ପରେ ଜଳବନ୍ଦିରୁ ୧୫ ପରିବାର ମୁକ୍ତ ହୋଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ଖାଦ୍ୟ, ପାନୀୟ ଓ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଥିବା ପୌରାଧ୍ୟକ୍ଷ ମହାନ୍ତ ସୂଚନା ଦେଇଛନ୍ତି।

## ଘୁରୁଡିଆ ପୋଲ ଉପରେ ୫ ଫୁଟ୍‌ର ବନ୍ୟାଜଳ

ତେଲକୋଇ,୧୬।୮(ରଞ୍ଜିତ ବିଶ୍ୱାଳ)/କେନ୍ଦୁଝର(ଦୀପକ ମିଶ୍ର)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ଅନ୍ତର୍ଗତ କରଦାଙ୍ଗି ଗାଁ ଘୁରୁଡିଆ ନାଳ ଓ ନୂଆଗଡ ଟେନାର ନାଳ ପୋଲ ଉପରେ ୫ ଫୁଟ୍‌ର ବର୍ଷା ଜଳ ପ୍ରବାହିତ ହେଉଛି। ଫଳରେ ବହୁ ଗାଁ ବାହ୍ୟ ଜଗତରୁ ବିଛିନ୍ନ ହୋଇପଡ଼ିଛି। ଗୁରୁବାର ବିଳମ୍ବିତ ରାତିରୁ ତେଲକୋଇ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ଘୁରୁଡିଆ ନାଳ ଉପରେ ଶୁକ୍ରବାର ସକାଳୁ ବର୍ଷାଜଳ ପ୍ରବାହିତ ହେବା ଫଳରେ କରଦାଙ୍ଗି, ଚକ୍ରଧର, ଆମ୍ବତଇଲାସାହି, ଜୁଆଙ୍ଗ ସାହି, ଶାମନାଳି ସାହି, କ୍ଷେତ୍ରାମୁଣ୍ଡା ସାହି, ଖଳିଡିପସାହି, ସରେଇ ପ୍ରଭୃତି ଗାଁ ବାହ୍ୟ ଜଗତରୁ ବିଛିନ୍ନ ହୋଇପଡ଼ିଛି। ନୂଆଗଡ ଗାଁ ନିକଟ ଟେନାର ନାଳ ପୋଲ ଉପରେ ମଧ୍ୟ ପାଞ୍ଚ ଫୁଟ ଉଚ୍ଚର ବର୍ଷା ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଦେଉଳଡିହା, ମଧ୍ୟପୁର, ଉଦୟଗିରି, ସନ୍ତେଇଭଞ୍ଜା, ରଗଡ଼ା ଭୀମକାଣ୍ଡ, ଜେନାଦର ଆଦି ପ୍ରଭୃତି ଗ୍ରାମକୁ ଯାତାୟାତ ବାଧାପ୍ରାପ୍ତ ହେବା ସହ ଜରୁରୀକାଳୀନ ସେବା ମଧ୍ୟ ଠପ୍ ହୋଇପଡ଼ିଛି। ପ୍ରତ୍ୟେକ ବର୍ଷ ବର୍ଷା ଦିନେ ଉକ୍ତ ପୋଲ ଗୁଡ଼ିକ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ଅଦ୍ୟାବଧି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଯୋଗୁ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହେଉଛି। ସୂଚନାଯୋଗ୍ୟ, ଉକ୍ତ ପୋଲଗୁଡ଼ିକ ଉଚ୍ଚତା ବୃଦ୍ଧି କରି ନିର୍ମାଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ସମାକୋଇ ଚକ୍ରଧର ପ୍ରକଳ୍ପ ନିର୍ମାଣ କରାଗଲେ ନିଶ୍ଚିତ ଭାବେ ତେଲକୋଇ ଅଞ୍ଚଳର ବିଭନ୍ନ ଗ୍ରାମ କ୍ଷତିଗ୍ରସ୍ତ ହେବା ନେଇ ଲୋକଙ୍କ ମନରେ ଆଶଙ୍କା ରହିଛି।



ପୋଲ ଉପରେ ବନ୍ୟପାଣି ପ୍ରବାହିତ ହେଉଛି।

